# NATIONAL NEWS BULLETIN (ODIA)

**19 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୨୦୩୦ ସୁଦ୍ଧା ଭାରତରେ ମୁଣ୍ଡପିଛା ଆୟ ୪ ହଜାର ଡଲାର ହେବା ନେଇ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଆକଳନ
- ବିପର୍ଯ୍ୟୟ ସମୟରେ ଏନ୍‌ଡିଆର୍‌ଏଫ୍ ର କର୍ତ୍ତବ୍ୟବୋଧ ଓ ସେବାକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ପ୍ରତିଷ୍ଠା ଦିବସ
- ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ
- ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱ ଅର୍ଥନୈତିକ ଫୋରମର ବାର୍ଷିକ ବୈଠକ

–ଯୋଗଦେବେ ୩ ହଜାରରୁ ଅଧିକ ବିଶ୍ୱସ୍ତରୀୟ ନେତା

ଏବଂ

- ସ୍ପେନ୍‌ରେ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ୩୯ ଜଣଙ୍କର ମୃତ୍ୟୁ

---

## ଏସ୍‌ବିଆଇ-ଇକନମି

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏକ ଗବେଷଣାମୂଳକ ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ମୁଣ୍ଡପିଛା ଆୟ ୪ହଜାର ଡଲାର ହାସଲ କରିବାକୁ ଯାଉଛି । ଆଜି ପ୍ରକାଶିତ ଏ ସଂପର୍କିତ ରିପୋର୍ଟରେ

ବିଶ୍ୱବ୍ୟାଙ୍କ ବର୍ଗୀକରଣ ଅନୁଯାୟୀ ଚୀନ୍ ଏବଂ ଇଣ୍ଡୋନେସିଆ ସହ ଭାରତ ରହିବା ଆକଳନ କରାଯାଇଛି । ସ୍ୱାଧୀନତାର ୬୦ ବର୍ଷ ପରେ ଭାରତ ୧ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପହଞ୍ଚିଥିବା ବେଳେ ମାତ୍ର ୭ ବର୍ଷରେ ୨୦୧୪ ସୁଦ୍ଧା ୨ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପହଞ୍ଚିଥିଲା । ୨୦୨୧ ଅର୍ଥାତ୍ ୭ ବର୍ଷ ଭିତରେ ଭାରତ ୩ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ରିପୋର୍ଟ ଅନୁଯାୟୀ, ୪ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପହଞ୍ଚିବା ଲାଗି ଭାରତକୁ ମାତ୍ର ୪ ବର୍ଷ ସମୟ ଲାଗିଛି । ଆସନ୍ତା ୨ ବର୍ଷ ମଧ୍ୟରେ ଦେଶ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପହଞ୍ଚିବା ନେଇ ଆକଳନ କରାଯାଇଛି ।

ସୂଚନା ଅନୁଯାୟୀ, ୨୦୦୯ରେ ଭାରତରେ ମୁଣ୍ଡପିଛା ଆୟ ୧ ହଜାର ଡଲାର ଥିବା ବେଳେ ୨୦୧୯ରେ ୨ ହଜାର ଡଲାର ରହିଥିଲା । ୨୦୨୬ ସୁଦ୍ଧା ଏହା ୩ ହଜାର ଡଲାରରେ ପହଞ୍ଚିବ ବୋଲି ଷ୍ଟେଟ୍‌ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି ।

---

# ପିଏମ୍-ରାଇଜିଂ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି , ଦେଶ ସେହି ପୁରୁଷ ଏବଂ ମହିଳାଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରୁଛି, ଯେଉଁମାନଙ୍କ ବୃତ୍ତିଗତ ଏବଂ କାର୍ଯ୍ୟପ୍ରତି ନିଷ୍ଠା' ସଙ୍କଟ ସମୟରେ ଦୃଢ଼ ରହିଥାଏ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଯେତେବେଳେ କୌଣସି ବିପର୍ଯ୍ୟୟ ଆସେ **NDRF** କର୍ମଚାରୀମାନେ ଜୀବନ ସୁରକ୍ଷା, ରିଲିଫ୍ ପ୍ରଦାନ ଏବଂ ସବୁଠାରୁ ଆହ୍ୱାନମୂଳକ ପରିସ୍ଥିତିରେ କାର୍ଯ୍ୟ କରିଥାନ୍ତି । ସେ କହିଛନ୍ତି **NDRF**

କର୍ମଚାରୀଙ୍କ ଦକ୍ଷତା ଏବଂ କର୍ତ୍ତବ୍ୟବୋଧ ସେବାର ସର୍ବୋଚ୍ଚ ମାନଦଣ୍ଡର ଉଦାହରଣ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ବର୍ଷ ବର୍ଷ ଧରି, **NDRF** ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ଯେଉଁ ମାନଦଣ୍ଡ ସ୍ଥାପନ କରିଛି, ତାହା ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ଅର୍ଜନ କରିଛି ।

## ଶାହା-ରାଇଜିଂ ଡେ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ **NDRF** ର ଆଜି ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହ କହିଛନ୍ତି, **NDRF** ବିପର୍ଯ୍ୟୟ ସମୟରେ ଦେଶର  ବିଶ୍ୱାସର ସ୍ତମ୍ଭ ପାଲଟିଛି। ଶ୍ରୀ କହିଛନ୍ତି, ବିପର୍ଯ୍ୟୟ-ପ୍ରତିରୋଧୀ ଦେଶ ଗଠନ ଲାଗି ସରକାରଙ୍କ ସଂକଳ୍ପକୁ ସଫଳ କରିବାରେ **NDRF** ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଅବସରରେ ଶ୍ରୀ ଶାହା **NDRF**ର ଅମର ଯବାନଙ୍କ ପ୍ରତି ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

## ଚୌହାନ-ଜିରାମଜି

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବିକଶିତ ଭାରତ ଜି ରାମ ଜି ଆଇନ ଉପରେ ଦେଶବାସୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗରେ କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି। ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌହାନ କହିଛନ୍ତି, ମନରେଗା ଅଧୀନରେ କଂଗ୍ରେସ ଦ୍ୱାରା ପ୍ରଦତ୍ତ ଅଧିକାର କେବଳ କାଗଜପତ୍ରରେ ରହିଛି। ସେ କହିଛନ୍ତି ଯେ, କଂଗ୍ରେସ ଏହାର ଚିନ୍ତାଧାରା,

ବିଚାରଧାରା ଏବଂ ଆଦର୍ଶକୁ ପରିତ୍ୟାଗ କରିଛି ଏବଂ ଦେଶର ବିକାଶ କିମ୍ବା ଗରିବ ଲୋକଙ୍କ କଲ୍ୟାଣ ସହିତ ଏହାର କୌଣସି ସମ୍ପର୍କ ନାହିଁ।

**V/O (Shivraj Singh-1)**

ଶ୍ରୀ ଚୌହାନ କହିଛନ୍ତି, ଏହି ଆଇନ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପୂର୍ବର ୧୦୦ ଦିନର ନିଯୁକ୍ତି ବଦଳରେ ଅତି କମରେ ୧୨୫ ଦିନର ମଜୁରୀ ନିଯୁକ୍ତିର ଗ୍ୟାରେଣ୍ଟି ଦେଉଛି। ମନ୍ତ୍ରୀ କହିଛନ୍ତି ଯେ, ମନରେଗା ଅଧୀନରେ ଦଶ କୋଟି ସମ୍ପତ୍ତି ସୃଷ୍ଟି କରାଯାଇଥିଲା, ଯେଉଁଥିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୮.୫ କୋଟି ସମ୍ପତ୍ତି ସୃଷ୍ଟି କରାଯାଇଛି। ଶ୍ରୀ ଚୌହାନ କହିଛନ୍ତି ଯେ ମୋଦି ସରକାରଙ୍କ ଅଧୀନରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି।

**V/O (Shivraj Singh-2)**

ମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଭାରତ ଜି ରାମ ଜି ଆଇନରେ ଅନୁସୂଚିତ ଜାତି ଓ ଜନଜାତି, ମହିଳା, ଦିବ୍ୟାଙ୍ଗ ଏବଂ ଗରିବଙ୍କୁ ପ୍ରାଥମିକତା ଦିଆଯାଇଛି। ଶ୍ରୀ ଚୌହାନ ଏହା ମଧ୍ୟ କହିଛନ୍ତି ଯେ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ନୂତନ ଆଇନରେ ବେକାରୀ ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଛି।

---

# ୱାର୍ଲଡ ଇକନମିକ୍ ଫୋରମ୍

ସ୍ୱିଜରଲ୍ୟାଣ୍ଡ୍‌ର ଡାଭୋସ୍‌ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ୫୬ତମ ବାର୍ଷିକ ବୈଠକ ଆଜିଠାରୁ ଆରମ୍ଭ ହେଉଛି । ଏଥିରେ ୩ ହଜାରରୁ ଅଧିକ ବିଶ୍ୱସ୍ତରୀୟ ନେତା ଅଂଶ ଗ୍ରହଣ କରିବେ । ୫ ଦିନିଆ ଏହି ବୈଠକରେ ଭାରତ ସରକାରଙ୍କ ପ୍ରତିନିଧି ମଣ୍ଡଳୀ ସହିତ ୧୦୦ରୁ ଅଧିକ ଉଦ୍ୟୋଗୀ

ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେବେ । କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ପ୍ରହ୍ଲାଦ ଯୋଶୀ, କେ. ରାମମୋହନ ନାଇଡୁ ପ୍ରମୁଖ ଏହି ବୈଠକରେ ଅଂଶ ଗ୍ରହଣ କରିବେ । ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ଝାଡ଼ଖଣ୍ଡ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ବୈଠକରେ ଯୋଗଦେଇ ନିବେଶ ଲକ୍ଷ୍ୟ ନେଇ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ କର୍ଣ୍ଣାଟକ, ଉତ୍ତରପ୍ରଦେଶ, କେରଳ ଏବଂ ତେଲଙ୍ଗାନା ଆଦି ରାଜ୍ୟର ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।

---

# ପିଏମ୍-ପାର୍ବତୀ ଗିରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ତାଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ପାର୍ବତୀ ଗିରି ଉପନିବେଶବାଦୀ ଶାସନ ସମାପ୍ତି ଆନ୍ଦୋଳନରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ। ସେ କହିଛନ୍ତି, ପାର୍ବତୀ ଗିରିଙ୍କ ସମାଜ ସେବା ଏବଂ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଓ ସଂସ୍କୃତି ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଗତ ମାସରେ, ଆକାଶବାଣୀରେ  ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ପାର୍ବତୀ ଗିରି ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ ଏବଂ ତାଙ୍କର ପ୍ରେରଣାଦାୟକ ଜୀବନ ପ୍ରତ୍ୟେକ ପିଢ଼ିକୁ ମାର୍ଗଦର୍ଶନ କରି ଚାଲିବ।

**V/O (PM-1)**

## ଇସି- ଆଇଆଇସିଡିଇଏମ୍

ନୂଆଦିଲ୍ଲୀର ଭାରତମଣ୍ଡପମ୍‌ରେ ଆସନ୍ତା ବୁଧବାରଠାରୁ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସଂପର୍କିତ ଭାରତ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହେବ । ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତାବିତ ଏହି ସମ୍ମିଳନୀ ଭାରତ ଦ୍ୱାରା ଆୟୋଜିତ ସବୁଠାରୁ ବୃହତ୍ ସମ୍ମିଳନୀ ହେବ । ବିଶ୍ୱର ୭୦ଟି ଦେଶର ଏକଶହ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହା ବ୍ୟତୀତ ଆନ୍ତର୍ଜାତିକ ସଂଗଠନ, ଭାରତର ବୈଦେଶିକ ସଂସ୍ଥା ଏବଂ ନିର୍ବାଚନ ସଂପର୍କିତ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଯୋଗଦେବେ । ସମ୍ମିଳନୀରେ  ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥା ସହ ୪୦ଟିରୁ ଅଧିକ ଦ୍ୱିପକ୍ଷୀୟ ବୈଠକ କରାଯିବା ସହ ଆଲୋଚନା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନିର୍ବାଚନରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକ ଉପରେ ମତ ବିନିମୟ ହେବ ।

---

## ଟ୍ରମ୍ପ-ମୋଦି

ଗାଜାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଗଠନ କରିଥିବା କମିଟିର ସଦସ୍ୟ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ଆମେରିକା ରାଷ୍ଟ୍ରପତିଙ୍କ ଦ୍ୱାରା ଲିଖିତ ଏ ସଂପର୍କିତ ଚିଠିକୁ ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ଶ୍ରୀ ଟ୍ରମ୍ପ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ 'ବୋର୍ଡ ଅଫ୍ ପିସ୍'ରେ ସାମିଲ ହେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି । ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାକୁ ସୁଦୃଢ଼ କରିବା ଏବଂ ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ ଲକ୍ଷ୍ୟରେ ଏକ ସାହସିକ ନୂତନ ପଦକ୍ଷେପ ଆରମ୍ଭ କରିବା ପାଇଁ ଶ୍ରୀ ମୋଦୀଙ୍କୁ ତାଙ୍କ ସହ

ଯୋଗଦେବା ପାଇଁ ଶ୍ରୀ ଟ୍ରମ୍ପ ଅନୁରୋଧ କରିଛନ୍ତି । ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ଲକ୍ଷ୍ୟ ନେଇ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ଏହି ଶାନ୍ତି କମିଟି ଗଠନ କରିଛନ୍ତି ।

---

## ଚୀନ୍-ଏକ୍ସପ୍ଲୋଜନ

ଚୀନର ଆଭ୍ୟନ୍ତରୀଣ ମଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳର ଏକ ଇସ୍ପାତ କାରଖାନାରେ  ଶକ୍ତିଶାଳୀ ବିସ୍ଫୋରଣ ଘଟି ଦୁଇ ଜଣଙ୍କର ମୃତ୍ୟୁ  ହେବା ସହ ୫ ଜଣ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ, ବାଉଟୋଉ ସହରର ଏକ ଇସ୍ପାତ କାରଖାନାରେ ଗତକାଲି ସନ୍ଧ୍ୟାରେ ବିସ୍ଫୋରଣ ଘଟିଥିଲା। କାରଖାନାରେ ବାଷ୍ପ ଏବଂ ଉଚ୍ଚ-ତାପମାନର ପାଣି ଧରି ରଖିବା ପାଇଁ ଉଦ୍ଦିଷ୍ଟ  ଏକ ଚାପଯୁକ୍ତ ସଂରକ୍ଷଣ ଟ୍ୟାଙ୍କରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ବାସଗୃହଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ଘଟିଥିଲା ।  ଘଟଣାସ୍ଥଳରୁ ୬୬ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ନିଖୋଜ ଶ୍ରମିକଙ୍କ ସନ୍ଧାନ ଲାଗି ଉଦ୍ଧାରକାରୀ ଦଳ , ଅଗ୍ନିଶମ କର୍ମଚାରୀ, ପୋଲିସ ଏବଂ ବିଶେଷଜ୍ଞ ଡାକ୍ତରୀ ୟୁନିଟ୍ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି ।

---

## ସ୍ପେନ୍-ଆକ୍ସିଡେଣ୍ଟ

ସ୍ପେନ୍‌ର ଦକ୍ଷିଣାଞ୍ଚଳରେ ଗତ ସନ୍ଧ୍ୟାରେ ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୩୯ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଗୋଟିଏ ଦ୍ରୁତଗାମୀ ଟ୍ରେନ୍

ଲାଇନଚ୍ୟୁତ ହୋଇ ଅନ୍ୟ ଏକ ଲାଇନ୍ ଉପରେ ପଡ଼ିବାରୁ ଦୁର୍ଘଟଣା ଘଟିଥିଲା ।

## ପାକ୍-ଫାୟାର

ପାକିସ୍ତାନରେ କରାଚୀର ଗୁଲ୍ ପ୍ଲାଜା ସପିଂ ମଲରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ଆହୁରି ୮ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ନିଖୋଜ ଥିବା ୭୦ ଜଣଙ୍କ ସନ୍ଧାନ ଏବେ ମଧ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ କହିଛନ୍ତି ଯେ ଜଣେ ଶିଶୁ ସମେତ ତିନି ଜଣଙ୍କ ମୃତ ଦେହ ଉଦ୍ଧାର କରାଯାଇ ସିଭିଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ କହିଛନ୍ତି ଯେ ଭଗ୍ନାବଶେଷ ଗୁଡିକୁ ହଟାଇବା ଏବଂ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ବିଳମ୍ବ ପାଇଁ ଲୋକମାନେ ସିନ୍ଧ ସରକାର ଏବଂ କରାଚୀ ମେୟରଙ୍କୁ ନିନ୍ଦା କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସାମାଜିକ ସୁରକ୍ଷା ଦିଗରେ କର୍ମଚାରୀ ପଞ୍ଜୀକରଣ ଯୋଜନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କେନ୍ଦ୍ରୀୟ ପ୍ରୋଭିଡେଣ୍ଟ୍ ଫଣ୍ଡ କମିଶନର ରମେଶ କୃଷ୍ଣମୂର୍ତ୍ତି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ

ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।